# ଏନ.ଡ଼ି.ଏ ର କାୟା ବିସ୍ତାର

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଶ୍ରୀ ରାମ ବିଳାସ ପାଶ୍ୱାନଙ୍କର ଲୋକ ଜନ ଶକ୍ତି ପାର୍ଟି ଏନ.ଡ଼ି.ଏ ର ଏକ ଅଂଶୀଦାର ଦଳ ହେବା ପାଇଁ ମନସ୍ଥ କରିଅଛି । ବହୁ ସଂଖ୍ୟାରେ ରାଜନୈତିକ ନେତା, ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ଭା.ଜ.ପାାକୁ ଅକୁଣ୍ଠିତ ସାହାର୍ଯ୍ୟ ଓ ସହଯୋଗ ଦେବା ସହ ଏନ.ଡ଼ି.ଏ କୁ ମଧ୍ୟ ସମର୍ଥନ ଦେଉଛନ୍ତି । ତୃଣମୂଳ ସ୍ତରରେ ବି.ଜେ.ପି କିମ୍ବା ଏନ.ଡ଼ି.ଏ କୁ ଯେଉଁ ସମର୍ଥନ ମିଳୁଅଛି ତାହା ସ୍ୱଷ୍ଟ ଦୃଶ୍ୟମାନ । ଯେତେବେଳେ କୌଣସି ରାଜନୈତିକ ଦଳର ଏନ.ଡ଼ି.ଏ ର ସହଯୋଗୀ ହିସାବରେ ନିର୍ଦ୍ଦିଷ୍ଟ ରାଜ୍ୟରେ ତାହାର ଶକ୍ତି ଥିବା ବେଳେ ସେମାନଙ୍କର ସହଯୋଗ ଯୋଗୁଁ ଏକ ରାଜନୈତିକ ବାତାବରଣ ବା ଆଲୋଡ଼ନ ସୃଷ୍ଟି ହେଉଅଛି । ଯେତେବେଳେ ନରେନ୍ଦ୍ର ମୋଦିଙ୍କ ନାମ ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ  ପାଇଁ ଘୋଷଣା କରାଗଲା ସେତେବେଳେ କିଛି ଗଣମାଧ୍ୟମର ବନ୍ଧୁ ଓ ରାଜନୀତି ସମୀକ୍ଷକ ସମୀକ୍ଷା କଲେ ବର୍ତ୍ତମାନ ଭା.ଜ.ପା କୁ ସହଯୋଗୀ ଦଳ ପାଇବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ହେବ ଓ ବି.ଜେ.ପି ଏକ ସନ୍ତୁଳିତ ଦଳ ହୋଇ ରହିଯିବ । ସେମାନେ ଅନୁଭବ କରିଥିଲେ କି ଦଳ ରାଜନୈତିକ ବିଚ୍ଛିନ୍ନତାବାଦ ଆଡ଼କୁ ଅଗ୍ରସର ହେଉଅଛି । ବାସ୍ତବିକ ବର୍ତ୍ତମାନ ଗୋଟିଏ ପାର୍ଟି ହିଁ ଚମତ୍କାର ଭାବରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି । ଯାହା ଇତିହାସରେ କେବେ ମଧ୍ୟ ହୋଇନଥିଲା । ଏକ ଦୃଢ଼ ବି.ଜେ.ପି ର ଶକ୍ତି ବହୁ ସହଯୋଗୀ ଦଳକୁ ନିଜ ଆଡ଼କୁ ଆକର୍ଷଣ କରିବାରେ ସକ୍ଷମ ଅଟେ । ତୃଣମୂଳ ସ୍ତରର ସମର୍ଥନ ଭା.ଜ.ପା ର ର୍‍ୟାଲିରେ ସ୍ୱଷ୍ଟ ଦୃଶ୍ୟମାନ । ଏହା ମଧ୍ୟ ମୋଦିଙ୍କ ସପକ୍ଷରେ ପ୍ରବାହ ବହିବାର ସ୍ୱଷ୍ଟ ବାର୍ତ୍ତା ବହନ କରୁଅଛି । ଯେଉଁମାନେ ବି.ଜେ.ପି କୁ ଛାଡ଼ି ଦେଇଥିଲେ ସେମାନଙ୍କର ପ୍ରତ୍ୟାବର୍ତ୍ତନ ବି.ଜେ.ପି ର ଶକ୍ତି ବୃଦ୍ଧିରେ ସହାୟକ ହୋଇଅଛି । ପଞ୍ଜାବ, ହରିଆଣା, ମହାରାଷ୍ଟ୍ର, ବିହାର ଓ ତାମିଲନାଡୁ  ଆଦି ରାଜ୍ୟରେ ଆମେ ଶକ୍ତିଶାଳୀ ସହଯୋଗୀ ଦଳ ପାଇଅଛୁ । ଏମିତି ବହୁତ ରାଜ୍ୟଅଛି ଯେଉଁଠି ନିର୍ବାଚନର ପୂର୍ବ ଓ ପର ଗଠବନ୍ଧନ ହେବାର ଆଶା କରାଯାଉଛି ।

ମୁଁ ସବୁବେଳେ ବିଶ୍ୱାସ କରୁଥିଲି କି ଦୃଢ଼ ବି.ଜେ.ପି ଦୃଢ଼ ଏନ.ଡ଼ି.ଏ ର ନେତୃତ୍ୱ ନେଇପାରିବ । କିପରି ଏନ.ଡ଼ି.ଏ କୁ ଶକ୍ତିଶାଳୀ କରାଯାଇପାରିବ ତାହା ଅଟଳ ଜୀଙ୍କ ପୁସ୍ତକରୁ ଶିକ୍ଷା ଲାଭ କରିବା ଆବଶ୍ୟକ । ୧୯୯୬ ମସିହାର ତ୍ରି ଦଳୀୟ ପାର୍ଟି ଏନ.ଡ଼ି.ଏ ୧୯୯୮ ମସିହାରେ ୨୪

ଦଳୀୟ ଏନ.ଡ଼ି.ଏ ରେ ପରିଣତ ହେଲା । ଆଞ୍ଚଳିକ ଦଳକୁ ଆକର୍ଷଣ କରିବା ପାଇଁ ଭାରତ ବର୍ଷର ସଙ୍ଘୀୟ ଢ଼ାଞ୍ଚା ବିବିଧ ସଂସ୍କୃତିକୁ ସମ୍ମାନ ଦେବା ଆବଶ୍ୟକ । ଆଜିର ବିଶେଷ ଘଟଣା ପ୍ରବାହ ଏହିକି ଜନ ସମର୍ଥନର ବୃଦ୍ଧି ସହଯୋଗୀ ଦଳଙ୍କର ସମର୍ଥନ ବୃଦ୍ଧି ଗଠବନ୍ଧନକୁ ମଜଭୁତ କରୁଅଛି । ଏହା ନୂତନ ପରିବର୍ତ୍ତନର ସଙ୍କେତ ଦେଉଅଛି ।